# NATIONAL NEWS BULLETIN (ODIA)

**24 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶର ୫୧ ହଜାର ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

- ବିହାର ବିଧାନସଭା ନିର୍ବାଚନ ନିମନ୍ତେ ସମସ୍ତିପୁରରେ ନିର୍ବାଚନୀ ର୍‌ୟାଲିରେ ଯୋଗଦେଲେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଆନ୍ଧ୍ରପ୍ରଦେଶରେ ଏକ ଘରୋଇ ବସ୍‌ରେ ଅଗ୍ନିକାଣ୍ଡ ଘଟି ୨୦ ମୃତ ୧୧ ଆହତ ।

ଏବଂ

- ଆଇସିସି ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ହେବ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍

## ପିଏମ୍-ରୋଜଗାରମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ଯୁବକମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରୋଜଗାର ମେଳା ଏକ ମାଧ୍ୟମ ସାଜିଛି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସପ୍ତଦଶ ରୋଜଗାର ମେଳା ଅବସରରେ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ନୂତନ

ଭାବେ ନିଯୁକ୍ତି ପାଇଥିବା ୫୧ ହଜାର ଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇ ବିଭିନ୍ନ ସରକାରୀ ବିଭାଗରେ ଅବସ୍ଥାପିତ କରାଯାଇଛି ।

**V/O (PM 51 jobs)**

ପ୍ରଧାନମନ୍ତ୍ରୀ କହିଛନ୍ତି, କିଛିଦିନ ପୂର୍ବରୁ ୧୧ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତିପତ୍ର ଦେଶର ଯୁବକମାନଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଯୋଜନାର ଲୋକାର୍ପଣ କରିଛନ୍ତି, ଯେଉଁଥିରେ ୩ କୋଟି ୫୦ ଲକ୍ଷ ଯୁବକମାନଙ୍କୁ କର୍ମନିଯୁକ୍ତି ମିଳିବ ବୋଲି ଜଣାପଡ଼ିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିଭା ସେତୁ ପୋର୍ଟାଲ ସଂପର୍କରେ ସୂଚନା ଦେଇ କହିଛନ୍ତି, ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶେଷ ମୁହୂର୍ତ୍ତରେ ଚାକିରି ପାଇଁ ଯୋଗ୍ୟ ହୋଇନଥିବା ପ୍ରାର୍ଥୀମାନଙ୍କ ଶ୍ରମ ବ୍ୟର୍ଥ ଯିବନାହିଁ ।

**V/O (PM Prativa Setu)**

---

# ପିଏମ୍-ଛଟ୍

ଛଟ୍ ପର୍ବ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛଟ୍ ପୂଜା ସହିତ ସଂପର୍କିତ ଏକ ଗୀତକୁ ଶେୟାର କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି । ଆଗାମୀ କିଛିଦିନ ମଧ୍ୟରେ ସେ ଏହି ଗୀତ ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ କରିବେ ବୋଲି ଜଣାପଡ଼ିଛି । ଶ୍ରୀ ମୋଦୀ କହିଛନ୍ତି ଏହି ପବିତ୍ର ପର୍ବ ଅବସରରେ ଛଟିମୟାଙ୍କ ଉପରେ ଆଧାରିତ ଗୀତ ଛଟ୍ପର୍ବର ଗୁରୁତ୍ୱ ବୃଦ୍ଧି କରିବ । ବିହାର ସମେତ ସାରା ଦେଶର ଶ୍ରଦ୍ଧାଳୁମାନଙ୍କୁ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

# ପିଏମ୍-ବିହାର ର୍ୟାଲି

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି । ସମସ୍ତିପୁରରେ ଏକ ନିର୍ବାଚନୀ ର୍ୟାଲିରେ ଯୋଗଦେଇ ଶ୍ରୀ ମୋଦୀ ଜନନାୟକ କର୍ପୁରୀ ଠାକୁରଙ୍କୁ ସ୍ମରଣ କରିବା ସହ ବିହାରରେ ବିକାଶ ଏବଂ ସାମାଜିକ ନ୍ୟାୟର ପ୍ରସାର ଉପରେ ଗୁରୁତ୍ୱାରୋପ କରିଛନ୍ତି ।

**V/O (PM Development)**

ଦୁଧପୁରା ହେଲିପ୍ୟାଡ ପଡ଼ିଆରେ ଏକ ସମାବେଶକୁ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ମୋଦୀ କହିଛନ୍ତି, କର୍ପୁରୀ ଠାକୁର ଦେଶର ଏକ ଅମୂଲ୍ୟ ହୀରା । ସ୍ୱାଧୀନ ଭାରତରେ ସାମାଜିକ ନ୍ୟାୟ ସ୍ଥାପନ କରିବା ଏବଂ ଅବହେଳିତ ତଥା ଗରିବବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ତାଙ୍କର ଭୂମିକା ଅନନ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Reservation)**

ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ କର୍ପୁରୀ ଗ୍ରାମରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

---

# ଆଇଟିବିପି ରେଜିଂ ଡେ

ଇଣ୍ଡୋ-ତିବତୀୟ ସୀମା ପୋଲିସ୍ ବଳ-ଆଇଟିବିପିର ପ୍ରତିଷ୍ଠା ଦିବସ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ବୀର ଯବାନମାନଙ୍କୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ

ରାଧାକ୍ରିଷ୍ଣନ କହିଛନ୍ତି, ଆଇଟିବିପି ଯବାନମାନେ ହିମାଳୟ ଅଞ୍ଚଳରେ ପ୍ରମୁଖ ପ୍ରତିରକ୍ଷା ବାହିନୀ ଭାବେ ନିଜର କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରୁଛନ୍ତି । ଦେଶର ସୀମା ଏବଂ ନାଗରିକମାନଙ୍କ ସୁରକ୍ଷା ଲାଗି ଆଇଟିବିପି ସଦାସର୍ବଦା ଜାଗ୍ରତ ଭାବେ କାର୍ଯ୍ୟ କରୁଛି । ସେ କହିଛନ୍ତି ଆଇଟିବିପି ଯବାନମାନଙ୍କ ବଳିଦାନ ଏବଂ କର୍ତ୍ତବ୍ୟପରାୟଣତା ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ଅବସରରେ ଆଇଟିବିପିକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ସେମାନଙ୍କ ଅଦମ୍ୟ ସାହସ ଏବଂ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ସେମାନଙ୍କୁ **ହିମ ବୀର** କୁହାଯାଇଛି । ବିଭିନ୍ନ ସମୟରେ ଦେଶର ସୁରକ୍ଷା ଲାଗି ପ୍ରାଣବଳି ଦେଇଥିବା ଆଇଟିବିପିର ଶହୀଦ ଯବାନମାନଙ୍କୁ ଶ୍ରୀ ଶାହା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# କୁର୍ଣ୍ଣୁଲ ବସ୍ ଟ୍ରାଜେଡି

ଆନ୍ଧ୍ରପ୍ରଦେଶରେ ଏକ ଘରୋଇ ବସ୍‌ରେ ଅଗ୍ନିକାଣ୍ଡ ଘଟି ୨୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ସେହି ସ୍ଲିପର ବସ୍‌ଟି ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ବେଳେ କୁର୍ଣ୍ଣୁଲ ଜିଲ୍ଲାରେ ଏକ ମୋଟରସାଇକେଲ ସହ ଧକ୍କା ହେବା ଫଳରେ ବସ୍‌ରେ ନିଆଁ ଲାଗିଯାଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମୋଟରସାଇକେଲଟି ବସ୍‌ରେ ଲାଗିଯିବା ଫଳରେ କିଛିବାଟ ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯାଇଥିଲା । ଫଳରେ ମୋଟରସାଇକେଲର ତେଲ ଟାଙ୍କି ଫାଟିଯାଇ ନିଆଁ ସୃଷ୍ଟି ହୋଇଥିଲା । ଅଳ୍ପ କେତେଜଣ ଯାତ୍ରୀ ବସ୍‌ର ଜରୁରୀକାଳୀନ ଦ୍ୱାର ଦେଇ ବାହାରକୁ ବାହାରି ଆସିବାକୁ ସକ୍ଷମ

ହୋଇଥିଲେ । ଜିଲ୍ଲାପାଳ ଡକ୍ଟର ଏ.ସିରି କହିଛନ୍ତି, ୨ଜଣ ଡ୍ରାଇଭରଙ୍କୁ ମିଶାଇ ୪୧ ଜଣ ସେହି ବସ୍‌ରେ ଯାତ୍ରା କରୁଥିଲେ। ଗୁରୁତର ଆହତ ୧୧ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ୧୧ ଜଣ ମୃତକଙ୍କ ପରିଚୟ ମିଳିପାରିଛି । ଅନ୍ୟ ମୃତାହତଙ୍କ ପରିଚୟ ଜାଣିବା ଲାଗି ପ୍ରଶାସନ ଉଦ୍ୟମ କରୁଛି ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବା ଲାଗି ଘୋଷଣା କରିଥିବା ବେଳେ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବା ଲାଗି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ଛଟ୍

ଛଟ୍ ପର୍ବ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛଟ୍ ପୂଜା ସହିତ ସଂପର୍କିତ ଏକ ଗୀତକୁ ଶେୟାର କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି । ଆଗାମୀ କିଛିଦିନ ମଧ୍ୟରେ ସେ ଏହି ଗୀତ ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ କରିବେ ବୋଲି ଜଣାପଡ଼ିଛି । ଶ୍ରୀ ମୋଦୀ କହିଛନ୍ତି ଏହି ପବିତ୍ର ପର୍ବ ଅବସରରେ ଛଟିମୟାଙ୍କ ଉପରେ ଆଧାରିତ ଗୀତ ଛଟ୍‌ପର୍ବର ଗୁରୁତ୍ୱ ବୃଦ୍ଧି କରିବ । ବିହାର ସମେତ ସାରା ଦେଶର ଶ୍ରଦ୍ଧାଳୁମାନଙ୍କୁ ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ  ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୭ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov  ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

---

## ପିଏମ୍-ଏସିଆନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ ରବିବାର ଦିନ ୨୨ତମ ଏସିଆନ୍ – ଭାରତ ସମ୍ମିଳନୀରେ ଆଭାସି ମାଧ୍ୟମରେ ଯୋଗଦେବେ । ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱାର୍ ଇବ୍ରାହିମ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ

କହିଛନ୍ତି, ମାଲେସିଆର ପ୍ରଧାନମନ୍ତ୍ରୀ ଅନୱାର୍ ଇବ୍ରାହିମ୍‌ଙ୍କୁ ଏସିଆନ୍ ଚାମ୍ପିୟନ୍‌ସିପ୍ ମାଲେସିଆ ଅଧ୍ୟକ୍ଷତା କରୁଥିବାରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ଆଗାମୀ ସମ୍ମିଳନୀର ସଫଳତା ପାଇଁ ତାଙ୍କୁ ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି । ଏସିଆନ୍-ଭାରତ ରଣନୈତିକ ଭାଗିଦାରୀତା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ଦ୍ୱିପକ୍ଷିୟ ପ୍ରତିବଦ୍ଧତାକୁ ମଧ୍ୟ ଶ୍ରୀ ମୋଦୀ ସୁନିଶ୍ଚିତ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଏସୀୟ ନେତାମାନେ ମିଳିତ ଭାବେ ଏସିଆନ୍-ଭାରତ ସମ୍ମିଳନୀର ବିକାଶ ସମ୍ପର୍କରେ ମିଳିତ ଭାବେ ସମୀକ୍ଷା କରିବେ ଏବଂ ବ୍ୟାପକ ରଣନୈତିକ ଭାଗିଦାରୀ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବେ ।

ଭାରତର ଇଷ୍ଟ ପଲିସି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣକୁ ପ୍ରତିଫଳିତ କରିବା ଲାଗି ଏସିଆନ୍ ସମ୍ମିଳନୀ ହେଉଛି ଆଲୋଚନାର ପ୍ରମୁଖ ସ୍ତମ୍ଭ ହେବ ବୋଲି କୁହାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଚଳିତ ମାସ ୨୭ ତାରିଖରେ କ୍ୱାଲାଲମ୍ପୁର ଠାରେ ହେବାକୁ ଥିବା ବିଂଶତମ ଇଷ୍ଟ ଏସିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିନିଧିତ୍ୱ କରିବେ ।

ଏହି ଇଷ୍ଟ ଏସିଆ ସମ୍ମିଳନୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ବଜାୟ ରଖିବା ଲାଗି ସୁଯୋଗ ସୃଷ୍ଟି କରିବ । ଉଭୟ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସ୍ତରରେ ବିକାଶ ଲାଗି ମତ ବିନିମୟ ସୃଷ୍ଟି କରିବ ।

...............................................................................................

# ୱିମେନ୍ ୱାର୍ଲଡ କପ୍

ଆଇସିସି ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଶ୍ରୀଲଙ୍କା ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । କଲମ୍ବୋସ୍ଥିତ ଆର୍.ପ୍ରେମଦାସା ଷ୍ଟାଡିୟମରେ ଭାରତୀୟ ସମୟ ଅପରାହ୍ନ ୩ଟାରେ ମ୍ୟାଚ୍ ଆରମ୍ଭ ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ନିଉଜିଲ୍ୟାଣ୍ଡକୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି । ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନିଉଜିଲ୍ୟାଣ୍ଡକୁ ୫୩ ରନ୍‌ରେ ଭାରତ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତର ପ୍ରତୀକା ରାୱଲ ଏବଂ ସ୍ମୃତି ମନ୍ଧାନା ଦଳର ସ୍କୋର ୪୯ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୩୪୦ ରନ୍ କରିଥିଲେ । ମନ୍ଧାନା ୧୦୯ ରନ୍ କରିଥିବା ବେଳେ ରାୱଲ ୧୨୨ ରନ୍ କରିଥିଲେ । ମହିଳା ବିଶ୍ୱକପ୍ ଇତିହାସରେ ଉଭୟଙ୍କ ଯୋଡ଼ି ସର୍ବାଧିକ ୨୧୨ ରନ୍‌ର ଓପନିଂ ଯୋଡ଼ି ଥିଲା । ବର୍ଷାବାଧିତ ଏହି ମ୍ୟାଚ୍‌ରେ ୪୪ ଓଭର୍‌ରେ ୩୨୪ ରନ୍‌ର ପିଛା କରି ନିଉଜିଲ୍ୟାଣ୍ଡ ୮ ୱିକେଟ୍ ହରାଇ ୨୭୧ ରନ୍ କରିବାକୁ ସକ୍ଷମ ହୋଇଥିଲା । ଏଥିସହିତ ଭାରତ ୬ ପଏଣ୍ଟ ସହ ସେମିଫାଇନାଲ୍‌ରେ ପ୍ରବେଶ କରିଛି ।